## ସଂକ୍ଷେପରେ

### ଧାରଣା ପଞ୍ଚମ ଦିନରେ, ୨ ଅସୁସ୍ଥ

ବଆଁରପାଳ, ୧୩।୨ (ଡି.ଏନ୍.ଏ.): ନିଯୁକ୍ତି ଦାବିରେ ବଆଁରପାଳ ବ୍ଲକ ନାଲ୍‌କୋ କ୍ଷତିଗ୍ରସ୍ତ ଏଲ୍‌ଏପି ପ୍ରଜା ମହାସଂଘ ତରଫରୁ ଜାରି ରହିଥିବା ଆନ୍ଦୋଳନ ବୁଧବାର ପଞ୍ଚମ ଦିନରେ ପହଞ୍ଚିଛି। କ୍ଷତିଗ୍ରସ୍ତଙ୍କ ବହୁ ଜମି ନାଲ୍‌କୋରେ ଅଧିଗ୍ରହଣ ହୋଇଥିବାବେଳେ ନିଯୁକ୍ତି କ୍ଷେତ୍ରରେ ଅବହେଳା କରାଯାଉଥିବା ସଂଘ ତରଫରୁ ଅଭିଯୋଗ ହୋଇଛି। ପ୍ରଥମ ପର୍ଯ୍ୟାୟରେ ୧୫ ଜଣ କ୍ଷତିଗ୍ରସ୍ତଙ୍କୁ ନିଯୁକ୍ତି ଦାବି ନେଇ ନାଲ୍‌କୋ ସିପିପି ଭାଲୁଧରି ସାହି ନିକଟରେ ସଂଘ କର୍ମକର୍ତ୍ତାମାନେ ରେଳରୋକୋ ଆନ୍ଦୋଳନ କରିଛନ୍ତି। ଏଥିଯୋଗୁ ନାଲ୍‌କୋକୁ ଟ୍ରେନ ଚଳାଚଳରେ ବ୍ୟାହତ ସୃଷ୍ଟି ହୋଇଛି। ବୁଧବାର ୨ ଜଣ କର୍ମକର୍ତ୍ତା ଅସୁସ୍ଥ ହୋଇପଡ଼ିଥିବାରୁ ସେମାନଙ୍କୁ ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସମସ୍ୟାର ସ୍ଥାୟୀ ସମାଧାନ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନକୁ ବ୍ୟାପକ କରାଯିବ ବୋଲି ସଂଘ ସଭାପତି ଅଖିଳ ପଣ୍ଡା ଚେତାବନୀ ଦେଇଛନ୍ତି।

### ଆର୍‌ଆଇ କାର୍ଯ୍ୟାଳୟ ଉଦ୍‌ଘାଟିତ



ବଆଁରପାଳ, ୧୩।୨ (ଡି.ଏନ୍.ଏ.): ବଆଁରପାଳ ବ୍ଲକ ବଳରାମପ୍ରସାଦ ଠାରେ ବୁଧବାର ପୂର୍ବାହ୍ନରେ ନୂତନ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଯାଇଛି। ଅନୁଗୋଳ ବିଧାୟକ ରଜନୀକାନ୍ତ ସିଂ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟାଳୟକୁ ଉଦ୍‌ଘାଟନ କରିଥିଲେ। ଜିଲା ପରିଷଦ ସଭ୍ୟା ମଞ୍ଜୁଲତା ସାହୁ, ତହସିଲଦାର ଜିତେନ୍ଦ୍ର କୁମାର ସାହୁ, ନାଲ୍‌କୋ ଅଧିକାରୀ ନିର୍ମଳ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଦୀର୍ଘ ଦିନ ଧରି ଏହି ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟଟି ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିଥିଲା। ତେବେ ଏଠାରେ ନୂତନ ବିଲ୍ଡିଂ ନିର୍ମାଣ କରାଯାଇଛି। ସେହିପରି ଘରଡ଼ିହ ଶୂନ୍ୟ ହୋଇଥିବା ବ୍ୟକ୍ତିଙ୍କୁ ପଟ୍ଟା ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

### କ୍ଷୀର ବାହାରୁଥିବା ଲିମ୍ବଗଛକୁ ପୂଜାର୍ଚ୍ଚନା



ବଇଣ୍ଡା,୧୩।୨(ଡି.ଏନ.ଏ.): ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ଆମ୍ବଶରମୁଣ୍ଡା ପଞ୍ଚାୟତ ଅଖରକଟା ଗ୍ରାମରେ ଏକ ଲିମ୍ବ ଗଛରୁ ଗୁରୁବାର କ୍ଷୀର ବୋହୁଥିବା ଦେଖି ଗ୍ରାମବାସୀ ଉତ୍ସାହିତ ହୋଇପଡିଛନ୍ତି। ଗ୍ରାମର ଜଣେ ଗାଈ ଚରାଳି କ୍ଷୀର ବୋହୁଥିବା ଦେଖି ଗ୍ରାମରେ ସୂଚନା ଦେବାପରେ ଗ୍ରାମବାସୀ ସେଠାରେ ପହଞ୍ଚି ଯାଇଥିଲେ। ପରେ ସେଠାରେ ପୂଜାର୍ଚ୍ଚନା କରିଥିଲେ। ଆଖପାଖ ଅଞ୍ଚଳର ବହୁ ଲୋକ ସେଠାରେ ଭିଡ଼ ଜମାଇଥିଲେ।

### ଓଡ଼ିଶୀ ନାମ ସଂକୀର୍ତ୍ତନ ସମ୍ମିଳନୀ

ଛେଣ୍ଡିପଦା,୧୩।୨(ଡି.ଏନ.ଏ.): ଛେଣ୍ଡିପଦା ବ୍ଲକ କୁଶକିଳା ପଞ୍ଚାୟତ ଦୂବନାଳୀ ଗ୍ରାମରେ ଜୋନ୍‌ସ୍ତରୀୟ ଓଡ଼ିଶୀ ନାମ ସଂକୀର୍ତ୍ତନ ସମ୍ମିଳନୀ ବୁଧବାର ଅନୁଷ୍ଠିତ ହୋଇଯାଇଛି। କୁକୁରପେଟା ଜୋନ୍ ଜୟ ଜଗନ୍ନାଥ ଓଡ଼ିଶୀ ସଂକୀର୍ତ୍ତନ ମଣ୍ଡଳୀ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଆଖପାଖ ଅଞ୍ଚଳର ପ୍ରାୟ ୨୩ରୁ ଊର୍ଦ୍ଧ୍ୱ ସଂକୀର୍ତ୍ତନମଣ୍ଡଳୀ ଯୋଗ ଦେଇଥିଲେ। ଗ୍ରାମ ସଭାପତି ସିଦ୍ଧେଶ୍ୱର ପ୍ରଧାନଙ୍କ ତତ୍ତ୍ୱାବଧାନରେ ଜୋନ୍ ସଭାପତି ଚୌଧୁରୀ ଗଡନାୟକ, ସମ୍ପାଦକ ରୁଦ୍ର ମୋହନ ସାହୁ, ସ୍ୱପ୍ନେଶ୍ୱର ପ୍ରଧାନଙ୍କ ସମେତ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି ଓଡ଼ିଶୀ ନାମ କଳା ସଂସ୍କୃତିର ପ୍ରଚାର ପ୍ରସାର ପାଇଁ ଆହ୍ୱାନ ଦେଇଥିଲେ। ଗ୍ରାମବାସୀ ସକ୍ରିୟ ସହଯୋଗ କରିଥିଲେ।

### ଅଷ୍ଟପ୍ରହର ନାମଯଜ୍ଞ

ଛେଣ୍ଡିପଦା,୧୩।୨(ଡି.ଏନ.ଏ.): ଛେଣ୍ଡିପଦା ବ୍ଲକ ବ୍ରାହ୍ମଣବିଲ ଗ୍ରାମରେ ମଙ୍ଗଳବାର ଅଷ୍ଟପ୍ରହର ନାମଯଜ୍ଞ ଶୁଭାରମ୍ଭ ହୋଇଛି। ଏହି ଅବସରରେ ଆୟୋଜିତ କଳସ ଶୋଭାଯାତ୍ରାରେ ଶତାଧିକ ମହିଳା ଓ ପୁରୁଷ ସାମିଲ ହୋଇଥିଲେ। ଗ୍ରାମ ସଭାପତି ପ୍ରଫୁଲ୍ଲ କୁମାର ସାହୁ, ସମ୍ପାଦକ ଗନ୍ଧର୍ବ ସାହୁ, ସଭ୍ୟ ରବୀନ୍ଦ୍ର ପ୍ରଧାନଙ୍କ ସମେତ ଗ୍ରାମବାସୀ ପରିଚାଳନା କରୁଛନ୍ତି।

■ ବ୍ରାଉନସୁଗାର ଜବତ, ବ୍ୟବସାୟୀ ଗିରଫ

# ଚେର ଅନୁଗୋଳରୁ କଲିକତା

ଅନୁଗୋଳ ଅଫିସ/ବଆଁରପାଳ ୧୩।୨





■ବାଲେଶ୍ୱର, ଭୁବନେଶ୍ୱରରୁ ବି ଆସୁଛି
■ଦିନକୁ ଦିନ ବଢୁଛି ଗ୍ରାହକଙ୍କ ସଂଖ୍ୟା
■ଅନ୍ୟ ବ୍ୟବସାୟୀଙ୍କୁ ଖୋଜୁଛି ପୋଲିସ

ଅନୁଗୋଳରେ ବଢୁଛି ବ୍ରାଉନସୁଗାର କାରବାର। ଅନ୍ୟ ସହର ପରି ଏଠି ବି ଅଛନ୍ତି ଏହି ଧଳା ପାଉଡରର ବ୍ୟବସାୟୀ ଓ ଗ୍ରାହକ। ମଙ୍ଗଳବାର କୁରୁଡୁଲୁ ଅଞ୍ଚଳରେ ନାଲ୍‌କୋ ଓ ଅନୁଗୋଳ ପୋଲିସର ମିଳିତ ଚଢ଼ାଉରୁ ଏହା ସ୍ପଷ୍ଟ ହୋଇଯାଇଛି। ଏହି ଚଢ଼ାଉ ବେଳେ ବ୍ରାଉନସୁଗାର ଜବତ ସହ ଜଣେ ବ୍ୟବସାୟୀ ଓ ଦୁଇ ଗ୍ରାହକଙ୍କୁ ପୋଲିସ ଧରିଥିଲା। ପରେ ଦୁଇ ଗ୍ରାହକଙ୍କୁ ଛାଡ଼ି ଦିଆଯାଇଥିଲେ ହେଁ ଧରାପଡ଼ିବାଥିବା ବ୍ୟବସାୟୀ କୃଷ୍ଣଚନ୍ଦ୍ର ସାହୁ(୪୫)ଙ୍କୁ ପୋଲିସ ଗିରଫ କରିଛି। ତାଙ୍କଠାରୁ ପ୍ରାୟ ୨ ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ ହୋଇଥିବା ନାଲ୍‌କୋ ଥାନା ଅଧିକାରୀ ଗୀତାଞ୍ଜଳି ସାହୁ ସୂଚନା ଦେଇଛନ୍ତି। ଏ ସଂକ୍ରାନ୍ତରେ ନାଲ୍‌କୋ ଥାନାରେ ନଂ. ୨୫ରେ ମାମଲା ରୁଜୁ ହୋଇଛି। ଏହି ନିଶା କାରବାରର ଚେର କଲିକତା ଯାଏ ଲମ୍ବିଥିବା ତଦନ୍ତରୁ ଜଣାପଡ଼ିଛି।

ଅନୁଗୋଳକୁ ଧୀରେ ଧୀରେ ଅକ୍ତିଆର କରିବାକୁ ବସିଛି ବ୍ରାଉନସୁଗାର। ଶିଳ୍ପନଗରୀରେ ଏହି ଧଳା ଜହର ତା'ର କାୟା ବିସ୍ତାର କରିବାରେ ଲାଗିଛି। ବହୁ ପୂର୍ବରୁ ଏସବୁ ଖବର ଥିଲେ ବି କିଏ ବ୍ୟବସାୟୀ ଓ କେଉଁଠି ଏହି କାରବାର ହେଉଛି ତାହାର କୂଳ କିନାରା ପାଉ ନ ଥିଲା ପୋଲିସ। ତେବେ ଏହା ଉପରେ ସତର୍କ ଦୃଷ୍ଟି ରଖିଥିବା ବେଳେ କୁରୁଡୁଲୁ ଅଞ୍ଚଳର ଏକ ନିର୍ମାଣାଧୀନ ଘରେ ବ୍ରାଉନସୁଗାର କାରବାର ହେଉଥିବା ମଙ୍ଗଳବାର ପୋଲିସକୁ ଖବର ମିଳିଥିଲା। ତେଣୁ କାଳବିଳମ୍ବ ନ କରି ନାଲ୍‌କୋ ଓ ଅନୁଗୋଳ ପୋଲିସ ସେଠାରେ ଚଢ଼ାଉ କରିଥିଲା। ଏହି ସମୟରେ ବ୍ୟବସାୟୀ କୃଷ୍ଣଚନ୍ଦ୍ରଙ୍କ ସହ ଦୁଇ ଜଣ ଠିକାଦାର ଗ୍ରାହକ ସେଠାରେ ଥିଲେ। କୃଷ୍ଣଚନ୍ଦ୍ରଙ୍କ ନିକଟରେ ୧୦.୨ ଗ୍ରାମର ବ୍ରାଉନସୁଗାର ଥିଲା। ପୋଲିସ ସେମାନଙ୍କୁ ଥାନାକୁ ଆଣି ଖୋଳତାଡ଼ କରିବା ପରେ ଅଧିକ ତଥ୍ୟ ମିଳିଥିଲା। ଭୁବନେଶ୍ୱରରୁ ମାଲ ଆଣି କୃଷ୍ଣଚନ୍ଦ୍ର ଏଠାରେ ବିକ୍ରି କରୁଥିବା ପୋଲିସକୁ କହିଥିଲେ। ଏପରି କି ସେ କିପରି ବ୍ୟବସାୟ କରୁଥିଲେ ସେ ନେଇ ମଧ ମୁହଁ ଖୋଲିଥିଲେ। ଅନୁଗୋଳରେ ଗ୍ରାହକ ସଂଖ୍ୟା ବଢୁଥିବାରୁ ଭୁବନେଶ୍ୱରରୁ ପୁଡ଼ିଆରେ ବାନ୍ଧି ସେ ଧଳା ଜହରକୁ ଏଠାକୁ ଆଣୁଥିଲେ। ପୁଡ଼ିଆ ବାନ୍ଧି ଆସୁ ନ ଥିବାରୁ ଏଥିପାଇଁ ତାଙ୍କୁ ଅଧିକ ଟଙ୍କା ଦେବାକୁ ପଡୁଥିଲା। ଭୁବନେଶ୍ୱରର ଏକ ନିର୍ଦ୍ଦିଷ୍ଟ ସ୍ଥାନରୁ ମାଲ୍ ଆଣିବା ପରେ ତାହାକୁ ସନ୍ଧ୍ୟାରେ ବେପାର କରୁଥିଲେ। ବିଶେଷକରି ଜନଶୂନ୍ୟ ସ୍ଥାନରେ ହିଁ ଏପରି କାରବାର କରୁଥିଲେ ବୋଲି କୃଷ୍ଣଚନ୍ଦ୍ର କହିଥିବା ପୋଲିସ ସୂଚନା ଦେଇଛି। କେବଳ ଭୁବନେଶ୍ୱର ନୁହେଁ, ବାଲେଶ୍ୱର ଓ କଲିକତାରୁ ଏସବୁ ମାଲ ଅନୁଗୋଳକୁ ଆସୁଛି। ତେବେ କାହା ମାଧ୍ୟମରେ ଆସୁଛି ସେ ନେଇ ପୋଲିସ ଅନୁସନ୍ଧାନ ଚଳାଇଥିବା ଏସ୍‌ପି ମିତ୍ରଭାନୁ ମହାପାତ୍ର କହିଛନ୍ତି। ଅନୁଗୋଳ ଥାନା ଅଧିକାରୀ ରମେଶ ଚନ୍ଦ୍ର ବିଶୋଇ କହିଛନ୍ତି, ପୂର୍ବରୁ ସହର ଉପକଣ୍ଠରେ ଏପରି ବ୍ୟବସାୟ ଚାଲିଥିବା ଖବର ମିଳିଥିଲା। ସେ ନେଇ ବିଭିନ୍ନ ସମୟରେ ଖାନତଲାସି କରାଯାଉଥିଲା। କିନ୍ତୁ କିଛି ସୁଫଳ ମିଳୁ ନ ଥିଲା। ତେଣୁ ସନ୍ଦେହଜନକ ସ୍ଥାନ ଉପରେ ସ୍ୱତନ୍ତ୍ର ଦୃଷ୍ଟି ରଖାଯାଇଥିବାରୁ ଏବେ ଜଣେ ବ୍ୟବସାୟୀଙ୍କୁ ଗିରଫ କରାଯାଇ ପାରିଛି।

■ ୮ ଥର ଆବେଦନ ପରେ ବି ମିଳୁନି ବାର୍ଦ୍ଧକ୍ୟ ଭତ୍ତା

# ଜିଲାପାଳଙ୍କ ଦ୍ୱାରସ୍ଥ ହେଲେ ମହର୍ଗା

ବଆଁରପାଳ, ୧୩।୨ (ଡି.ଏନ୍.ଏ.)



ଭତ୍ତା ପାଇବାରୁ ବଞ୍ଚିତ ହୋଇଥିବା ମହର୍ଗା।

ବୃଦ୍ଧା, ବୃଦ୍ଧ ଓ ଭିନ୍ନକ୍ଷମମାନଙ୍କୁ ସରକାରଙ୍କ ପକ୍ଷରୁ ସହାୟତା ସ୍ୱରୂପ ଭତ୍ତା ପ୍ରଦାନ କରାଯାଉଛି। କିନ୍ତୁ ଅନେକ ସମୟରେ ବିଭାଗୀୟ ଅଧିକାରୀମାନଙ୍କ ଅବହେଳା ଯୋଗୁ ବହୁ ପ୍ରକୃତ ହିତାଧିକାରୀ ଭତ୍ତା ପାଇବାରୁ ବଞ୍ଚିତ ହେଉଥିବା ନଜିର ରହିଛି। ଏହାର ଉଦାହରଣ ହେଲେ ବଆଁରପାଳ ବ୍ଲକ ବଡ଼କେରଜାଙ୍ଗ ପଞ୍ଚାୟତର ମହର୍ଗା ସାହୁ। ଭତ୍ତାଟିଏ ପାଇଁ ସେ ଥରେ ନୁହେଁ ୮ ଥର ପ୍ରଶାସନ ନିକଟରେ ଆବେଦନ କଲେଣି। ହେଲେ ଏଯାଏ ତାଙ୍କୁ ଉକ୍ତ ସରକାରୀ ଯୋଜନାରେ ସାମିଲ କରାଯାଇ ନାହିଁ। ଏ ନେଇ ସେ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିବା ଜଣାପଡ଼ିଛି।

ମହର୍ଗାଙ୍କ ବୟସ ପ୍ରାୟ ୭୦ ହେବ। ଚାଳ ଛପର ଘରକୁ ଛାଡ଼ିଦେଲେ ଚାଷ ଜମି ବୋଲି ତାଙ୍କର ବିଶେଷ କିଛି ନାହିଁ। ବୃଦ୍ଧ ଅବସ୍ଥାରେ ଭତ୍ତା ପାଇବା ପାଇଁ ସେ ବାରମ୍ବାର ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ଆରମ୍ଭ କରି ବ୍ଲକ ଅଫିସ ପର୍ଯ୍ୟନ୍ତ ଦୌଡୁଛନ୍ତି। ଏପରିକି ୮ ଥର ଦରଖାସ୍ତ ଦେଇ ସାରିଛନ୍ତି। ତଥାପି ତାଙ୍କ ଆବେଦନ ଗ୍ରହଣ କରାଯାଉ ନ ଥିବାରୁ ସେ ବଆଁରପାଳ ଠାରେ ଜିଲାପାଳଙ୍କ ଜନ ଅଭିଯୋଗ ଶୁଣାଣି ଶିବିରକୁ ଅଭିଯୋଗ କରିବାକୁ ଆସିଥିଲେ। ତାଙ୍କୁ ବିଭିନ୍ନ କ୍ଷେତ୍ରରେ ପଞ୍ଚାୟତସ୍ତରରେ ହଇରାଣ ହରକତ କରାଯାଉଥିବା କ୍ଷୋଭର ସହ ମହର୍ଗା ଅଭିଯୋଗ କରିଛନ୍ତି। ତେବେ ଜିଲାପାଳଙ୍କୁ ଗୁହାରି ପରେ କେବେ ଭତ୍ତା ମିଳୁଛି ତାହାକୁ ସେ ଚାହିଁ ବସିଛନ୍ତି।

■ ଅପନ୍ତରିଆ ସ୍ଥାନରେ ପିଠା ଶିବିର ଆୟୋଜନ ଅଭିଯୋଗ

# ସ୍ଥାନ ପରିବର୍ତ୍ତନ କରିବାକୁ ଦାବି



ବୈଠକରେ ଉପସ୍ଥିତ ଅଞ୍ଚଳବାସୀ।

ଅନୁଗୋଳ ଅଫିସ, ୧୩।୨

ଅନୁଗୋଳ ଶୁଶୁଡ଼ା ପଞ୍ଚାୟତ ଠାରେ ଆସନ୍ତା ୧୫ ତାରିଖରେ ହେବାକୁ ଥିବା ପିଠା କାର୍ଯ୍ୟକ୍ରମ ସ୍ଥାନକୁ ବିରୋଧ କରାଯାଇଛି। ବୁଧବାର ପୂର୍ବାହ୍ନରେ ଆଙ୍କୁଲା ଖେଳପଡିଆ ଠାରେ ନାଏବ ସରପଞ୍ଚ ବିକ୍ରମ ବେହେରାଙ୍କ ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ପିଠା କାର୍ଯ୍ୟକ୍ରମ ଶୁଶୁଡା ନବତୀର୍ଥ ପଡିଆଠାରେ ହେବା ପାଇଁ ସରପଞ୍ଚ ସ୍ଥିର କରିଛନ୍ତି। କିନ୍ତୁ ଏହି ସ୍ଥାନ ଚିହ୍ନଟ ବେଳେ ନାଏବ ସରପଞ୍ଚ କିମ୍ବା ୱାର୍ଡମେମ୍ବରଙ୍କୁ ଡକାଯାଇ ନାହିଁ। ନବତୀର୍ଥ ପଡିଆ ମଶାଣି ପାଖ ଏବଂ ଅପନ୍ତରିଆ ସ୍ଥାନରେ ଥିବାରୁ ଆଙ୍କୁଲା ଓ ଗୋପୀନାଥପୁର ଜନସାଧାରଣଙ୍କ ସମେତ ପଞ୍ଚାୟତବାସୀ ଉକ୍ତ ସ୍ଥାନକୁ ଯିବାରେ ସମସ୍ୟାର ସମ୍ମୁଖୀନ ହେବେ। ତେଣୁ ସ୍ଥାନ ପରିବର୍ତ୍ତନ କରି ପଞ୍ଚାୟତର ମଧ୍ୟସ୍ଥଳରେ ଶିବିର ଆୟୋଜନ କରିବାକୁ ବୈଠକରେ ଦାବି କରାଯାଇଥିଲା। ସମସ୍ତ ଜନସାଧାରଣ ସରକାରଙ୍କ ଯୋଜନାର ସୁଫଳ ପାଇବାକୁ କାର୍ଯ୍ୟକ୍ରମ ଆୟୋଜନ କରାଯାଉଥିବାରୁ ସ୍ଥାନ ପରିବର୍ତ୍ତନ କରିବାକୁ ବୈଠକରେ ଜୋରଦାର ଦାବି ହୋଇଥିଲା।

ଏହି ବୈଠକରେ ୱାର୍ଡମେମ୍ବର କିଶୋର ଖିଲାର, ଅଭୟ ବେହେରା, ବସନ୍ତ ନାଏକ, ବିଷ୍ଣୁ ସାହୁ, ସିତୁ ପ୍ରଧାନ, ରୀତା ପ୍ରଧାନ, ମମତା ସାହୁ, ଗିରିଶ ଚନ୍ଦ୍ର ସାହୁ, ନିର୍ମଳ ସାହୁ, ଅଜୟ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସେଠାରୁ ଏକ ପ୍ରତିନିଧି ମଣ୍ଡଳୀ ଆସି ବିଡିଓଙ୍କୁ ଦାବିପତ୍ର ଦେବା ସହ ସ୍ଥାନ ପରିବର୍ତ୍ତନ କରିବା ପାଇଁ ଦାବି କରିଥିଲେ।

ବିବାହ ପ୍ରଲୋଭନ ଦେଖାଇ ପ୍ରତାରଣା

### ଅଭିଯୁକ୍ତ କୋର୍ଟଚାଲାଣ

ଭୁବନ, ୧୩।୨(ଡି.ଏନ.ଏ.)

ଢେଙ୍କାନାଳ ଜିଲା ଭୁବନ ଏନଏସିର ଜଣେ ଯୁବତୀଙ୍କୁ ବିବାହ ପ୍ରଲୋଭନ ଦେଖାଇ ପ୍ରତାରଣା କରିବା ଅଭିଯୋଗରେ ପୋଲିସ ୧୩ ନଂ ଓ୍ୱାର୍ଡର ଦଇତ ସାହୁ (୩୫)ଙ୍କୁ ବୁଧବାର ଗିରଫ କରି କୋର୍ଟଚାଲାଣ କରିଛି। ଦଇତ ସମ୍ପୃକ୍ତା ଯୁବତୀଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ଅନ୍ୟତ୍ର ବିବାହ କରିଥିବା ଯୁବତୀ ଜଣକ ଭୁବନ ଜେଏମ୍‌ଏଫ୍‌ସି କୋର୍ଟରେ ଅଭିଯୋଗ କରିଛନ୍ତି। ଅଭିଯୋଗ କ୍ରମେ ଭୁବନ ଥାନାରେ ନଂ. ୨୩୪/୧୭ ରେ ମାମଲା ରୁଜୁ ସହ ପୋଲିସ ଦଇତଙ୍କୁ ଗିରଫ କରିଥିଲା।

### ମନ୍ଦିରରୁ ଲକ୍ଷାଧିକ ଟଙ୍କା, ସାମଗ୍ରୀ ଲୁଟ୍

ଭାପୁର,୧୩।୨(ଡି.ଏନ.ଏ.)

ଢେଙ୍କାନାଳ ଜିଲା ସଦର ଥାନା ଅଧୀନ ଭାପୁର ଫାଣ୍ଡି ଅନ୍ତର୍ଗତ ଅଉଖମା ଗ୍ରାମ ନିକଟ ପୁରୁଣାକଟକ-ସମ୍ବଲପୁର ରାସ୍ତା କଡ଼ରେ ଥିବା ହନୁମାନ ମନ୍ଦିରରୁ ମଙ୍ଗଳବାର ରାତିରେ ଚୋରି ହୋଇଛି। ଦୁର୍ବୃତ୍ତମାନେ କବାଟ ଶିକୁଳି ଭାଙ୍ଗି ହୁଣ୍ଡିରୁ ପ୍ରାୟ ଏକ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ସହିତ ଘଣ୍ଟ, ଘଣ୍ଟି, ଥାଳି, ଡାଳ ଓ ବାସନ ଆଦି ଲୁଟି ନେଇଥିବା ଥାନାରେ ଅଭିଯୋଗ ହୋଇଛି। ଭାପୁର ଫାଣ୍ଡି ଅଧିକାରୀ ପ୍ରଶାନ୍ତ ପଢିଆରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି।

# ବେଦାନ୍ତକୁ ଆଲୁମିନା ବିକ୍ରି ମସୁଧାକୁ ବିରୋଧ

ବଆଁରପାଳ, ୧୩।୨ (ଡି.ଏନ୍.ଏ.)



ନାଲ୍‌କୋ ଏମ୍ପ୍ଲୋଇ ସଂଘ ନେସ୍ ପକ୍ଷରୁ ବିକ୍ଷୋଭ କରାଯାଉଛି।

ନବରତ୍ନ ପ୍ରାପ୍ତ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ନାଲ୍‌କୋରୁ ବେଦାନ୍ତକୁ ଆଲୁମିନା ପାଉଡ଼ର ବିକ୍ରି କରିବା ପାଇଁ ମସୁଧା କରାଯାଉଥିବା ଶ୍ରମିକ ମହଲରେ ଅଭିଯୋଗ ହେଉଛି। ଏହି ଆଲୁମିନା ବିକ୍ରି ହେଲେ ନାଲ୍‌କୋର ବହୁ କ୍ଷତି ହେବା ସହ କର୍ମଚାରୀମାନେ ଅସୁବିଧାର ସମ୍ମୁଖୀନ ହେବେ। ତେଣୁ ନାଲ୍‌କୋ ଏମ୍ପ୍ଲୋଇ ସଂଘ ନେସ୍ ପକ୍ଷରୁ ଏହାକୁ ଦୃଢ଼ ବିରୋଧ କରାଯାଇଛି। ଏ ନେଇ ସ୍ମେଲଟର ପ୍ଲାଣ୍ଟ ପରିସରରେ ନେସ୍ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ଓଏଣ୍ଡଏମ୍ ମହାପ୍ରବନ୍ଧକଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସଂଘ ପକ୍ଷରୁ ଅଭିଯୋଗ କରାଯାଇଛି ଯେ, ନାଲ୍‌କୋର ଜନୈକ ପୂର୍ବତନ ସିଏମ୍‌ଡି ବର୍ତ୍ତମାନ ବେଦାନ୍ତ କମ୍ପାନୀରେ ଚାକିରି କରିଛନ୍ତି। ତେଣୁ ନାଲ୍‌କୋରୁ ଆଲୁମିନା ବେଦାନ୍ତକୁ ବିକ୍ରି କରିବା ପାଇଁ ସେ ଜୋରଦାର ଉଦ୍ୟମ ଜାରି ରଖିଛନ୍ତି। ଯଦି ଆଲୁମିନା ବିକ୍ରି କରାଯାଏ ତା'ହେଲେ ନେସ୍ ପକ୍ଷରୁ ଏହାକୁ ଦୃଢ଼ ବିରୋଧ କରାଯିବ ବୋଲି ସାଧାରଣ ସମ୍ପାଦକ ନିର୍ମଳ ସାମଲ ପ୍ରକାଶ କରିଛନ୍ତି। ସେହିପରି କାର୍ଯ୍ୟକାରୀ ସଭାପତି ଭାଦୁରାମ ସୋରେନ୍, ମୁରଲୀଧର ପଣ୍ଡା, ସାଙ୍ଗଠନିକ ସମ୍ପାଦକ ମନୋଜ ସ୍ୱାଇଁ, ବିଜନ ଦଳବେହେରା, ଭବେଶ ସେଠ, ଅଟଳ ବିହାରୀ ଷଡ଼ଙ୍ଗୀ, ମଳୟ ସ୍ୱାଇଁ, ବିକାଶ ପାଲ, ଅଞ୍ଜନ ଦଳବେହେରା, ଅରୂପ ଅମାନ୍ତ, ଶ୍ରବଣ ସ୍ୱାଇଁ ପ୍ରମୁଖ ମଧ ଏହି ବିରୋଧରେ ସାମିଲ ହୋଇଛନ୍ତି।

# ବଳାତ୍କାର ଅଭିଯୁକ୍ତଙ୍କୁ ୧୦ ବର୍ଷ କାରାଦଣ୍ଡାଦେଶ

ଅନୁଗୋଳ ଅଫିସ, ୧୩।୨

ଅନୁଗୋଳ ଥାନା ଅଞ୍ଚଳରେ ଘଟିଥିବା ଏକ ନାବାଳିକା ବଳାତ୍କାର ମାମଲାର ଶୁଣାଣି କରି ଅନୁଗୋଳ ଅତିରିକ୍ତ ଜିଲା ଓ ଦୌରା ଜଜ୍ ତଥା ପୋକ୍ସୋ ସ୍ପେଶାଲ ଜଜ୍ ସୁରେଶ ଚନ୍ଦ୍ର ପ୍ରଧାନ ମୁଖ୍ୟ ଅଭିଯୁକ୍ତ ସାରଥି ସାହୁଙ୍କୁ ୧୦ ବର୍ଷ କାରାଦଣ୍ଡ ସହ ୧୦ ହଜାର ଟଙ୍କା ଜରିମାନା ଦଣ୍ଡରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦାୟ ସ୍ଥଳେ ଅଧିକ ୧ ବର୍ଷ ଅଧିକ ଜେଲ ଦଣ୍ଡ କାଟିବାକୁ ନିର୍ଦ୍ଦେଶ ଦିଆଯାଇଥିବା ସ୍ପେଶାଲ ପି.ପି. ଦିଲୀପ କୁମାର ମହାନ୍ତି ସୂଚନା ଦେଇଛନ୍ତି। ମାମଲାରୁ ପ୍ରକାଶ ଯେ, ୨୦୧୬ ସେପ୍ଟେମ୍ବର ୨ରେ ଏହି ଘଟଣା ଘଟିଥିଲା। ନାବାଳିକା ଜଣକ ଖେଳୁଥିବା ବେଳେ ଅଭିଯୁକ୍ତ ସାରଥି ପ୍ରଲୋଭିତ କରି ବଳାତ୍କାର କରିଥିବା ଅଭିଯୋଗରେ ଦର୍ଶାଯାଇଥିଲା। ପୋଲିସ ତୁରନ୍ତ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ପୋକ୍ସୋ ସ୍ପେଶାଲ ଜଜ୍ ସୁରେଶ ଚନ୍ଦ୍ର ପ୍ରଧାନ ୧୨ ଜଣଙ୍କ ସାକ୍ଷ୍ୟ ଆଧାରରେ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୧୦ ବର୍ଷ କାରାଦଣ୍ଡାଦେଶ ପ୍ରଦାନ କରିଥିଲେ।

**ପୂର୍ବ ତଟ ରେଳପଥ**

**ଭଡ଼ା ସୂତ୍ରରେ ଗାଡ଼ି**

ଟେଣ୍ଡର ବିଜ୍ଞପ୍ତି ସଂ.ELS-ANGL-OT-18-19-08

**କାର୍ଯ୍ୟର ନାମ :** ବାର ମାସ ଅବଧି ନିମନ୍ତେ ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ / TRS / ଅନଗୁଳଙ୍କ ନିମନ୍ତେ ଗୋଟିଏ ହାଲୁକା ଗାଡ଼ି ଅର୍ଥାତ୍ ନନ୍-ଏସି ଟାଟା ସୁମୋ / ବୋଲେରୋ କିମ୍ବା ଅନୁରୂପ ଭଡ଼ା ସୂତ୍ରରେ ନେବା।

**ବିଜ୍ଞାପିତ ମୂଲ୍ୟ (ଟଙ୍କାରେ) :** 3,46,819.42, EMD (ଟଙ୍କାରେ) : 6,900/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 1,180/-, ଶେଷ ହେବା ଅବଧି : 12 (ବାର) ମାସ।

ବିଡ୍ ଆରମ୍ଭ ହେବା ତାରିଖ : ତା.22.02.2019ରିଖ, **ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.08.03.2019ରିଖ 1500 ଘଟିକାରେ।

ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।

ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ http://www.ireps.gov.in ରେ ଉପଲବ୍ଧ ହେବ।

ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRS)
PR-471/J/18-19 ଅନଗୁଳ

■ନାଲ୍‌କୋ କଲୋନୀ ସୁରକ୍ଷା ବ୍ୟବସ୍ଥା ନେଇ ତତ୍ପରତା

# ଉଚ୍ଚ ଅଧିକାରୀ କଲେ ଯାଞ୍ଚ

ବଆଁରପାଳ, ୧୩।୨ (ଡି.ଏନ୍.ଏ.)



ନାଲ୍‌କୋର ଉଚ୍ଚ ଅଧିକାରୀମାନେ ଯାଞ୍ଚ କରୁଛନ୍ତି।

ବଆଁରପାଳ ବ୍ଲକ ନାଲ୍‌କୋ କଲୋନୀ ପରିସରରୁ ବାରମ୍ବାର ଚୋରି ହେଉଥିବାରୁ ସୁରକ୍ଷା ବ୍ୟବସ୍ଥାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏପରି କି ସିକ୍ୟୁରିଟି କର୍ମଚାରୀମାନେ ୨୪ ଘଣ୍ଟିଆ ଡ୍ୟୁଟି କରୁଥିଲେ ବି କଲୋନୀ ମଧ୍ୟକୁ କିପରି ଦୁର୍ବୃତ୍ତମାନେ ପ୍ରବେଶ କରି ଚୋରି କରିବାରେ ସଫଳ ହେଉଛନ୍ତି ତାହାକୁ ନେଇ ବାସିନ୍ଦାଙ୍କ ମନରେ ସନ୍ଦେହ ଦେଖାଦେଇଛି। ଏହାକୁ ନେଇ ଅସନ୍ତୋଷ ବଢୁଥିବାରୁ ବୁଧବାର ଉଚ୍ଚପଦସ୍ଥ ଅଧିକାରୀଙ୍କ ମଧ୍ୟରେ ତତ୍ପରତା ପ୍ରକାଶ ପାଇଥିଲା। ସେମାନେ କଲୋନୀ ପରିସରକୁ ଯାଇ ସୁରକ୍ଷା ବ୍ୟବସ୍ଥାର ଯାଞ୍ଚ କରିଥିବା ଦେଖାଯାଇଥିଲା।

କଲୋନୀବାସୀଙ୍କ କହିବା ଅନୁଯାୟୀ, ଏଠାକାର ସୁରକ୍ଷା ବ୍ୟବସ୍ଥା ଏକ ପ୍ରକାର ହୁଗୁଳା ହୋଇଯାଇଛି। ସୁରକ୍ଷା ପାଇଁ ସ୍ୱତନ୍ତ୍ର ଭାବେ ଏକ ସଂସ୍ଥାକୁ ନିୟୋଜିତ କରାଯାଇଛି। ଏଥିପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଛି। ପାଟ୍ରୋଲିଂ ବ୍ୟବସ୍ଥାକୁ କଡ଼ାକଡ଼ି କରିବା ସହ ପ୍ରତି ଗଳିକନ୍ଦିରେ ସୁରକ୍ଷା କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି। ତଥାପି କଲୋନୀ ପରିସରରେ ଚୋରି, ରାହାଜାନି ବଢ଼ିବାରେ ଲାଗିଛି। କେଉଁ କ୍ୱାର୍ଟର୍ସରେ କର୍ମଚାରୀ ଓ ପରିବାର ଲୋକେ ନାହାନ୍ତି ସେ ନେଇ ମଧ ଦୁର୍ବୃତ୍ତଙ୍କ ନିକଟରେ ଖବର ପହଞ୍ଚିଯାଉଛି। ଏହା କିପରି ସମ୍ଭବ ହେଉଛି ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବିଗତ ୬ ମାସ ମଧ୍ୟରେ ୨୦ରୁ ଊର୍ଦ୍ଧ୍ୱ କ୍ୱାର୍ଟର୍ସରୁ ଚୋରି ହୋଇସାରିଛି। ଏପରି ଘନ ଘନ ଚୋରିକୁ ନେଇ ଅସନ୍ତୋଷ ବଢୁଥିବା ବେଳେ ଢିଲା ସୁରକ୍ଷା ବ୍ୟବସ୍ଥା ସଜାଡ଼ିବାକୁ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି। ବୁଧବାର ଅପରାହ୍ନରେ ନାଲ୍‌କୋ ମାନବସମ୍ବଳ ମହାପ୍ରବନ୍ଧକ ଏସ୍.ଏନ୍. ସାହୁ, ସ୍ମେଲଟର ମହାପ୍ରବନ୍ଧକ ମନଷା ମିଶ୍ର, ଇଷ୍ଟେଟ ବିଭାଗ ପ୍ରବନ୍ଧକ ମଣିରଞ୍ଜନ ପଟ୍ଟନାୟକ ପ୍ରମୁଖ କଲୋନୀ ଫାଟକଗୁଡ଼ିକରେ ଉପସ୍ଥିତ ରହି ଯାତାୟାତ କରୁଥିବା ଲୋକଙ୍କୁ ଯାଞ୍ଚ କରିଥିଲେ। ସେମାନଙ୍କ ଡ୍ରାଇଭିଂ ଲାଇସେନ୍ସ, ହେଲ୍‌ମେଟ ଓ ଅନ୍ୟ କାଗଜପତ୍ର ତନଖି କରିଥିଲେ। କର୍ତ୍ତୃପକ୍ଷଙ୍କ ଏଭଳି ସିଧାସଳଖ ଯାଞ୍ଚକୁ କଲୋନୀବାସୀ ସ୍ୱାଗତ କରିବା ସହ ସମାନ୍ୟ ଆଶ୍ୱସ୍ତ ହୋଇଥିବା କହିଛନ୍ତି।

**କାନାରା ବ୍ୟାଙ୍କ** (ଭାରତ ସରକାରଙ୍କ ଏକ ଅଧିକୃତ ସଂସ୍ଥା)

କ୍ଷେତ୍ରୀୟ କାର୍ଯ୍ୟାଳୟ, ଭୁବନେଶ୍ୱର, ୟୁନିକ ଡିଷ୍ଟ୍ରିବ୍ୟୁଟର୍ ଭବନ, କଟକ ରୋଡ୍, ଫ୍ଲାଏ ଓଭର ଆରମ୍ଭ, ଲକ୍ଷ୍ମୀ ସାଗର, ଭୁବନେଶ୍ୱର-୭୫୧୦୦୬, ଫୋନ୍ ନଂ.: ୦୬୭୪-୨୫୭୦୬୯୬

**ଗାଡି ବିକ୍ରୟ ନୋଟିସ୍**

ଏତଦ୍ୱାରା ଜଣାଇ ଦିଆଯାଉଅଛି କି ନିମ୍ନଲିଖିତ ଗାଡିଗୁଡିକ କାନାରା ବ୍ୟାଙ୍କର ନିମ୍ନଦର୍ଶିତ ଶାଖା ଦ୍ୱାରା ଜବତ କରାଯାଇ "ଯେଉଁଠାରେ ଯେପରି ଅଛି ଭିତ୍ତିରେ" ଟିକସ ଏବଂ ବୀମା ଦେୟ ସହିତ ବିକ୍ରି କରାଯିବା ପାଇଁ ସର୍ବସାଧାରଣଙ୍କ ଠାରୁ ପ୍ରସ୍ତାବମାନ ଆହ୍ୱାନ କରାଯାଉଅଛି।

| ଶାଖାର ନାମ ଏବଂ ଠିକଣା / ଫୋନ୍ ନଂ. | ଋଣଗ୍ରହୀତାଙ୍କ ନାମ/ ଆକାଉଣ୍ଟ ନଂ. / ଋଣ ତାରିଖ | ଗାଡିର ବିବରଣୀ | ସଂରକ୍ଷିତ ମୂଲ୍ୟ |
|---|---|---|---|
| ନଖରା (୩୫୨୪) / ୭୬୦୫୦୦୯୦୮୯ | ମାଗୁଣି ସାହୁ / ୩୫୨୪୭୬୮୦୦୦୦୦୫ / ୨୨.୧୦.୨୦୧୪ | Mahindra ALFA Auto / OD02S7130 | ଟ.୪୦,୦୦୦/- |
| ଖୋର୍ଦ୍ଧା (୩୩୬୬)/ ୭୬୦୫୦୦୯୦୮୭ | ସମରେନ୍ଦ୍ର ରାୟ / ୩୩୬୬୭୪୦୦୦୦୦୦୫ / ୦୧.୦୨.୨୦୧୩ | Mahindra Auto, OD02D5578 | ଟ.୨୦,୦୦୦/- |
| ସାମନ୍ତରାପୁର (୪୯୧୬)/ ୭୬୦୫୦୦୯୦୬୩ | ପ୍ରଦୀପ କୁମାର ନାୟକ / ୪୯୧୬୭୬୮୦୦୦୦୦୧ / ୦୯.୦୯.୨୦୧୪ | Alfa Auto, OD02R7296 | ଟ.୩୫,୦୦୦/- |
| ସହୀଦ ନଗର (୨୪୮୭)/ ୭୬୦୫୦୦୯୦୬୨ | ତାପସ କୁମାର ଶତପଥୀ / ୨୪୮୭୭୬୮୦୦୦୦୫୪ / ୨୭.୧୦.୨୦୧୭ | Atul Auto, OD33P9319 | ଟ.୧,୦୦,୦୦୦/- |
| ଚଣ୍ଡିଛକ (୧୪୭୯)/ ୭୬୦୫୦୦୯୦୭୫ | ଶେଖ୍ ଅବଦୁଲ୍ ନସିମ୍ / ୧୪୭୯୭୧୯୦୦୦୦୦୨ / ୧୪.୦୭.୨୦୧୬ | Ape Auto, OD05V4144 | ଟ.୪୫,୦୦୦/- |
| ଆଇଆର୍‌ସି ଭିଲେଜ୍ (୩୬୭୫)/ ୭୬୦୫୦୦୯୦୫୯ | ଜଗବନ୍ଧୁ ନାୟକ / ୩୬୭୫୭୬୮୦୦୦୦୫୫ / ୦୭.୦୮.୨୦୧୫ | Atul Auto, OD33E5615 | ଟ.୪୦,୦୦୦/- |

**ଆଗ୍ରହୀ ପକ୍ଷମାନେ ନିମ୍ନଲିଖିତ ନିୟମ ଓ ସର୍ତ୍ତାବଳୀ ଅନୁଯାୟୀ ପ୍ରସ୍ତାବ ମାନ ଦାଖଲ କରିପାରିବେ:**
୧. ଇଚ୍ଛୁକ ପ୍ରସ୍ତାବଦାତା ତାଙ୍କର ପ୍ରସ୍ତାବକୁ ବନ୍ଦ ଲଫାପାରେ ରଖି ଲଫାପା ଉପରେ "......................... କ୍ରୟ ନିମନ୍ତେ ପ୍ରସ୍ତାବ" ଉଲ୍ଲେଖ କରି ସମ୍ପୃକ୍ତ ଶାଖାର ଶାଖା ପ୍ରବନ୍ଧକଙ୍କ ଠାରେ ଏହି ନୋଟିସ ପ୍ରକାଶନର ୭ ଦିନ ମଧ୍ୟରେ ଅର୍ଥାତ୍ **ତା.୨୨.୦୨.୨୦୧୯ରିଖ** ପୂର୍ବରୁ ଦାଖଲ କରିବେ।
୨. ପ୍ରସ୍ତାବ ସହିତ **ଟ.୧୦,୦୦୦/-**ର ଅମାନତ ରାଶି ଡିମାଣ୍ଡ ଡ୍ରାଫ୍ଟ ଆକାରରେ **କାନାରା ବ୍ୟାଙ୍କ** ସପକ୍ଷରେ **ଭୁବନେଶ୍ୱରକୁ** ପୈଠ ଦର୍ଶାଇ ଦାଖଲ କରିବେ।
୩. ଗାଡି ଗୁଡିକୁ ଶାଖା ଅଧିକାରୀଙ୍କ ଠାରୁ ପୂର୍ବରୁ ଅନୁମତି ନେଇ **ତା.୨୧.୦୨.୨୦୧୯ରିଖ** ସୁଦ୍ଧା ଯାଞ୍ଚ କରିପାରିବେ।
୪. ବ୍ୟାଙ୍କ କୌଣସି କାରଣ ନଦର୍ଶାଇ ପ୍ରସ୍ତାବର ନିୟମ ଏବଂ ସର୍ତ୍ତାବଳୀକୁ ପରିବର୍ତ୍ତନ / ପରିବର୍ଦ୍ଧନ / ସ୍ଥଗିତ /ବାତିଲ କରିବାର ସମ୍ପୂର୍ଣ୍ଣ ଅଧିକାର ସଂରକ୍ଷିତ ରଖିଛନ୍ତି। ବ୍ୟାଙ୍କ ନିମନ୍ତେ ଉପଲବ୍ଧ ଅନ୍ୟାନ୍ୟ କାର୍ଯ୍ୟାନୁଷ୍ଠାନକୁ ଏହି ନୋଟିସ ପ୍ରତିହତ କରିବ ନାହିଁ।
୫. ସଫଳ ନିଲାମଧାରୀ ବିକ୍ରୟ ଚୂଡାନ୍ତ ହେବା ତାରିଖର **୭ଦିନ** ମଧ୍ୟରେ ନିଲାମ ରାଶି (ଅମାନତ ଜମା ବ୍ୟତୀତ) ଦାଖଲ କରିବେ। ଯଦି ସଫଳ ନିଲାମଧାରୀ ଉପରୋକ୍ତ ମତେ ବିକ୍ରୟ ମୂଲ୍ୟ ଦାଖଲ କରିବାରେ ବିଫଳ ହୁଅନ୍ତି ତେବେ ତାଙ୍କ ଦ୍ୱାରା ଦାଖଲ କରାଯାଇଥିବା ସମସ୍ତ ରାଶି ବାଜ୍ୟାପ୍ତି କରାଯିବ।
୬. ସଫଳ ନିଲାମଧାରୀ ରେଜିଷ୍ଟ୍ରେସନ୍ ସମୟରେ ସମସ୍ତ ଦେୟ / ଫିସ୍ ବହନ କରିବେ।

**ଏହି ନୋଟିସ୍ ଦ୍ୱାରା ଗାଡିର ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାଙ୍କୁ ଜଣାଇ ଦିଆଯାଉଛି କି ୭ଦିନ ମଧ୍ୟରେ ସର୍ବଶ୍ରେଷ୍ଠ ସମ୍ଭାବ୍ୟ ପ୍ରସ୍ତାବ ସହିତ କ୍ରେତାଙ୍କ ବ୍ୟବସ୍ଥା କରିପାରିବେ। ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କୁ କୌଣସି ପରବର୍ତ୍ତୀ ନୋଟିସ ନଦେଇ ଗାଡି ସର୍ବୋଚ୍ଚ ନିଲାମଧାରୀଙ୍କୁ ହସ୍ତାନ୍ତରିତ କରାଯିବ।**

ସ୍ଥାନ: ଭୁବନେଶ୍ୱର
ତାରିଖ: ୧୩.୦୨.୨୦୧୯
କ୍ଷମତାପ୍ରାପ୍ତ ଅଧିକାରୀ
କାନାରା ବ୍ୟାଙ୍କ

ଧରିତ୍ରୀ
DHARITRI
ଢେଙ୍କାନାଳ, ଗୁରୁବାର, ୧୪ ଫେବୃୟାରୀ, ୨୦୧୯



## ସଂକ୍ଷେପରେ

### ୨୦୪ ହିତାଧିକାରୀଙ୍କୁ କୁକୁଡ଼ା ଚିଆଁ



ବଅଁରପାଳ, ୧୩।୨ (ଡି.ଏନ୍.ଏ.)- ବଅଁରପାଳ ପ୍ରାଣୀଧନ ଚିକିତ୍ସା କେନ୍ଦ୍ର ପରିସରରେ ବୁଧବାର ପ୍ରାୟ ୨୦୪ ଜଣ ହିତାଧିକାରୀଙ୍କୁ ମାଗଣାରେ କୁକୁଡ଼ା ଚିଆଁ ପ୍ରଦାନ କରାଯାଇଛି। ମରୁଡ଼ି ପ୍ରପୀଡ଼ିତ ଅଞ୍ଚଳରେ ୩୭୨ ହିତାଧିକାରୀଙ୍କୁ ଏହି କୁକୁଡ଼ା ଚିଆଁ ବଣ୍ଟନ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ପ୍ରତ୍ୟେକଙ୍କୁ ୨୫ଟି ଚିଆଁ ଦିଆଯିବାର ବ୍ୟବସ୍ଥା ରହିଛି। ସରପଞ୍ଚଙ୍କ ସୁପାରିସ କ୍ରମେ ବନରାଜ କୁକୁଡ଼ା ଚିଆଁ ପ୍ରଦାନ କରାଯାଉଛି। ବୁଧବାର ପଶୁ ପାଳନ ବିଭାଗ ତରଫରୁ ବଅଁରପାଳ ପ୍ରାଣୀଧନ ଚିକିତ୍ସା ଅଧିକାରୀ ଡା.ପୂର୍ଣ୍ଣଚନ୍ଦ୍ର ସେଠୀ ହିତାଧିକାରୀଙ୍କୁ କୁକୁଡ଼ା ଚିଆଁ ପ୍ରଦାନ କରିଥିଲେ। ଏଥିସହ ଚିଆଁଗୁଡ଼ିକର ସ୍ୱାସ୍ଥ୍ୟର ଉନ୍ନତି ଓ ଖାଦ୍ୟ ବ୍ୟବସ୍ଥା ଉପରେ ଆଲୋକପାତ କରିଥିଲେ।

### ଅପହରଣ ଅଭିଯୁକ୍ତ ଗିରଫ

ବନ୍ତଲା, ୧୩।୨ (ଡି.ଏନ.ଏ.)- ବନ୍ତଲା ଥାନା ଅଞ୍ଚଳର ଜନୈକା ଦଶମ ଶ୍ରେଣୀ ଛାତ୍ରୀଙ୍କୁ ଅପହରଣ ଅଭିଯୋଗରେ ବୁଧବାର ତଳଗଡ଼ ଗ୍ରାମର ମାନସ ଦେହୁରୀ ଓରଫ ସୁଶାନ୍ତ(୩୦)ଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ପୋଲିସ କହିଛି, ୨୦୧୫ରେ ସୁଶାନ୍ତ ସମ୍ପୃକ୍ତା ଛାତ୍ରୀଙ୍କୁ ଅପହରଣ କରିନେବାର ୬ ମାସ ପରେ ଛାଡ଼ି ଦେଇଥିଲେ। ଏ ନେଇ ପରିବାରବର୍ଗ ଥାନାରେ ଅଭିଯୋଗ କରିଥିଲେ। ଫେରାର ଅଭିଯୁକ୍ତ ଗାଁକୁ ଫେରିଥିବା ଜାଣି ଛାତ୍ରୀଙ୍କ ମା ଥାନାରେ ପୁଣି ଅଭିଯୋଗ କରିବା ପରେ ପୋଲିସ ନଂ ୨୫/୧୯ରେ ଅପହରଣ ମାମଲା ଓ ପୋକ୍ସୋ ଆକ୍ଟରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

### ବାଲୁକା କଳା ବୁଲି ଦେଖିଲେ ବିଧାୟକ

ଛେଣ୍ଡିପଦା,୧୩।୨(ସ୍ୱ.ପ୍ର.)- ଛେଣ୍ଡିପଦା ବ୍ଲକ ବରସାହି ପଞ୍ଚାୟତ ଚନ୍ଦନ ପଡିଆଠାରେ ବୁଧବାର ପିଠା କର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ବିଜୟ କୁମାର ଗଡନାୟକଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଛେଣ୍ଡିପଦା ବିଧାୟକ ସୁଶାନ୍ତ କୁମାର ବେହେରା, ବ୍ଲକ ଅଧକ୍ଷ ଅଶୋକ କୁମାର ପ୍ରଧାନ, ବିଧାୟକଙ୍କ ପ୍ରତିନିଧି ପ୍ରଦୀପ କୁମାର ସାହୁ, ନୋଡାଲ ଅଫିସର ବ୍ଲକ ସହକାରୀ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦିଲୀପ କୁମାର ପ୍ରଧାନ, ସମିତି ସଭ୍ୟ ଧୀରେନ କୁମାର ବାରିକ, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଚନ୍ଦନ କୁମାର ସାହୁଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଯୋଗ ଦେଇଥିଲେ। ପରେ ବିଦ୍ୟୁତ୍ ବିଭାଗ ପକ୍ଷରୁ ଏଲ୍ଇଡି ବଲବ ବଣ୍ଟନ କରାଯାଇଥିଲା। ଏହି ଉପଲକ୍ଷେ ରାଜ୍ୟ ସରକାରଙ୍କ ପକ୍ଷରୁ ଚନ୍ଦନ ପଡିଆଠାରେ ବାଲୁକା କଳା ପ୍ରଦର୍ଶିତ ହୋଇଥିଲା। ବିଧାୟକ ଏହାକୁ ବୁଲି ଦେଖିବା ସହିତ ପ୍ରଶଂସା କରିଥିଲେ। ବିଜୁ ଯୁବ ବାହିନୀର ସଦସ୍ୟମାନେ ସହଯୋଗ କରିଥିଲେ।

### ଭଗବତ୍ ଗୀତା ବିତରଣ

ଅନୁଗୋଳ ଅଫିସ, ୧୩।୨- ବେଣାଗାଡ଼ିଆ ଇସ୍କନ ପକ୍ଷରୁ ଅନୁଗୋଳ ବାଜି ରାଉତ ଛାତ୍ରାବାସ ଅନ୍ତେବାସୀଙ୍କୁ ମାଗଣାରେ ଭଗବତ ଗୀତା ବିତରଣ କରାଯାଇଛି। ସାରା ବିଶ୍ୱରେ ଗୀତାର ପ୍ରଚାର ଓ ପ୍ରସାର ପାଇଁ ଗୀତା ଜୟନ୍ତୀ ଅବସରରେ ବିଭିନ୍ନ ଗ୍ରାମ, ସ୍କୁଲ ଓ ଅନୁଷ୍ଠାନରେ ଗୀତା ବିତରଣ କରାଯାଇଥିଲା। ଛାତ୍ରାବାସ ପିଲାମାନଙ୍କୁ ଗୀତାର ମହତ୍ତ୍ୱ ବିଷୟରେ ସମ୍ୟକ ଜ୍ଞାନ ପ୍ରଦାନ କରାଯିବା ସହ ୨ ଶହ ଖଣ୍ଡ ଗୀତା ବଣ୍ଟନ କରାଯାଇଥିଲା। ଇସ୍କନର ବରିଷ୍ଠ ବ୍ରହ୍ମଚାରୀ ରାଧାନାଥ ଦାସ କାର୍ଯ୍ୟକ୍ରମରେ ଅଧକ୍ଷତା କରିଥିଲେ। ଅନୁଗୋଳର ସୁଶୀଲ କୁମାର ସାହୁ, ପଞ୍ଚାନନ ସାହୁ, ଉପମ ମିଶ୍ର, ପଦ୍ମଲୋଚନ ରାଉତ ଓ ପ୍ରଭୁ କୁମାର ପ୍ରମୁଖ ସହଯୋଗ କରିଥିଲେ।

### ପଞ୍ଚାୟତସ୍ତରୀୟ ପିଠା କାର୍ଯ୍ୟକ୍ରମ

କଣିହାଁ, ୧୩।୨ (ଡି.ଏନ୍.ଏ.)- କଣିହାଁ ବ୍ଲକ ରେଙ୍ଗାଳି ଥାନା ଗଣ୍ଡମାଳା ପଞ୍ଚାୟତସ୍ତରୀୟ ପିଠା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ଏପିଓ ଦୀପକ ଭଞ୍ଜ ଓ ଶିଶୁ ସମନ୍ୱୟ ବିଭାଗ କଣିହାଁ ବ୍ଲକ ସୁପରଭାଇଜର ସୁମିତ୍ରା ନାୟକ ପ୍ରମୁଖ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସରପଞ୍ଚ କୁନି ଦେହୁରୀ, ନାଏବ ସରପଞ୍ଚ ନେଙ୍ଗୁରୀ ସାହୁ, ପଞ୍ଚାୟତ ସେକ୍ରେଟାରୀ ପ୍ରାଣବନ୍ଧୁ ପ୍ରଧାନ, ଗ୍ରାମ କୃଷି ଅଧିକାରୀ ହିମାଂଶୁ ଶେଖର ସାହୁ ଉପସ୍ଥିତ ରହି ଓଡ଼ିଶା ସରକାରଙ୍କ ଜନହିତକର କାର୍ଯ୍ୟକ୍ରମ ବିଷୟରେ ଆଲୋକପାତ କରିଥିଲେ। ପରେ ଭତ୍ତା ସହ ଏଲ୍ଇଡି ବଲ୍ବ ବଣ୍ଟନ କରାଯାଇଥିଲା। ବିଜୁ ଯୁବ ବାହିନୀ ସଭାପତି ଗଗନ କୁମାର ରାଉତ ଓ ସହଯୋଗୀମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

■ବେଆଇନ ଭାବେ ରାସ୍ତାପାର୍ଶ୍ୱ ଖନନ

# କାର୍ଯ୍ୟାନୁଷ୍ଠାନ ନେବ ପୂର୍ତ୍ତ ବିଭାଗ

ବନ୍ତଲା, ୧୩।୨ (ଡ.ଏନ.ଏ.)



ରାଜ୍ୟ ରାଜପଥ ପାର୍ଶ୍ୱ ଖୋଳାଯାଇ ମାଟି ଗଦା କରାଯାଇଛି।

ଅନୁଗୋଳ ଜିଲା ୫୫ ନମ୍ବର ଜାତୀୟ ରାଜପଥର ବଡ଼କେରା ଛକ ଠାରୁ ପୁରୁଣାକୋଟ ଥାନା ଟିକରପଡ଼ା ପର୍ଯ୍ୟନ୍ତ ୨୩ ନମ୍ବର ରାଜ୍ୟ ରାଜପଥ ନିର୍ମାଣ ହୋଇଛି। ସାତକୋଶିଆ ଅଭୟାରଣ୍ୟ ଓ ଟିକରପଡ଼ାକୁ ଯେପରି ପର୍ଯ୍ୟଟକମାନେ ସୁବିଧାରେ ଯାଇପାରିବେ ସେଥିପାଇଁ ଉକ୍ତ ରାଜ୍ୟ ରାଜପଥ ନିର୍ମାଣ କରାଯାଇଛି। କିଛି ମାସ ପୂର୍ବରୁ ପୁରୁଣାଗଡ଼ଠାରୁ ପମ୍ପାସର ଯାଏ ରାସ୍ତାର ପ୍ରଶସ୍ତୀକରଣ ଓ ଉନ୍ନତୀକରଣ ନିମନ୍ତେ ୧୫ କୋଟି ଟଙ୍କା ବ୍ୟୟ କରାଯାଇଛି। ଏପରି କି ଉଭୟ ପାର୍ଶ୍ୱରେ ୮ ଫୁଟ ଲେଖାଏ ମାଟି ମୋରମ ରାସ୍ତା କରାଯାଇଛି। କିନ୍ତୁ ଏବେ ଏକ କମ୍ପାନୀର କେବୁଲ ପକାଯିବା ନିମନ୍ତେ ବେଆଇନ ଭାବେ ଉକ୍ତ ରାସ୍ତା ପାର୍ଶ୍ୱରେ ୬ ଫୁଟ ଗଭୀରରେ ଗାତ ଖୋଳାଯିବା ସହ ମାଟିସବୁ ଗଦାଇ ଦିଆଯାଇଛି। ବୁଲାଣି ରାସ୍ତାରେ ମାଟି ଗଦା ହୋଇଥିବା ବେଳେ ଏ ନେଇ କୌଣସି ସୂଚନା ଦିଆଯାଇ ନ ଥିବାରୁ ଦୁର୍ଘଟଣାମାନ ଘଟୁଛି। ରାସ୍ତା ଉପରେ ମେଶିନ ରଖାଯାଇ ମାଟି ଖୋଳାଯାଇଥିବାରୁ ବହୁ ସ୍ଥାନରେ ପଚୁ ରାସ୍ତା କ୍ଷତିଗ୍ରସ୍ତ ହୋଇଛି। ରାଜ୍ୟ ରାଜପଥ କିମ୍ବା ପୂର୍ତ୍ତ ବିଭାଗ ରାସ୍ତାରେ କୌଣସି କମ୍ପାନୀ କିଛି କାର୍ଯ୍ୟ କରିବା ପୂର୍ବରୁ ପୂର୍ତ୍ତ ବିଭାଗ ଠାରୁ ଅନୁମତି ଆଣିବାର ନିୟମ ରହିଛି। କିନ୍ତୁ ଉକ୍ତ କମ୍ପାନୀ କାମ ଜାରି ରଖିଥିଲେ ବି ବିଭାଗ ନିକଟରୁ କୌଣସି ଅନୁମତି ଆଣି ନ ଥିବା ଅଭିଯୋଗ କରିବା ସହ ଅଞ୍ଚଳବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ତୁରନ୍ତ ଏ ନେଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ସେମାନେ ଦାବି କରିଛନ୍ତି।

ଏ ସମ୍ପର୍କରେ ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ ଜଗନ୍ନାଥ ବିଶ୍ୱାଳ କୁହନ୍ତି, ରାସ୍ତା ପାର୍ଶ୍ୱରେ ଗାତ ଖୋଳି କେବୁଲ ପକାଇବା ପାଇଁ କୌଣସି ଅନୁମତି ଦିଆଯାଇ ନାହିଁ। ବେଆଇନ କାର୍ଯ୍ୟ କରୁଥିବା ସଂସ୍ଥା ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## 'ନୈତିକ ଶିକ୍ଷା ଶୀର୍ଷ ସ୍ଥାନରେ ପହଞ୍ଚାଇବ'

ଭୁବନ, ୧୩।୨(ଡି.ଏନ.ଏ)

ଢେଙ୍କାନାଳ ଜିଲା ନୂଆଭୁବନ ନୋଡାଲ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ବୁଧବାର ପାଳିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସୁଧୀର କୁମାର ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଚଳଚ୍ଚିତ୍ର ନିର୍ଦ୍ଦେଶକ ଶ୍ରୀଧର ମାର୍ଥ ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରମାନେ ନୈତିକ ଶିକ୍ଷାକୁ ଗୁରୁତ୍ୱ ଦେଲେ ଶୀର୍ଷରେ ପହଞ୍ଚି ପାରିବେ ବୋଲି ମତପ୍ରକାଶ କରିଥିଲେ। ପୁରୀ ଗୋବର୍ଦ୍ଧନ ପୀଠ ଆଦିତ୍ୟ ବାହିନୀର ରାଷ୍ଟ୍ରୀୟ ସଚିବ ମାତୃ ପ୍ରସାଦ ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ ଆଧାତ୍ମିକ ଶିକ୍ଷା ଓ ଚେତନା ପ୍ରତି ପିଲାଙ୍କ ଦୃଷ୍ଟି ଆକର୍ଷଣ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଅନ୍ୟତମ ଅତିଥି ପତ୍ରକାର ଗୋପୀନାଥ ବାରିକ, ଆର୍ଯ୍ୟକବି ପ୍ରମୋଦ କୁମାର ମିଶ୍ର, ବିଦ୍ୟାଳୟର ପ୍ରତିଷ୍ଠାତା ହରିହର ସାହୁ, ପ୍ରାକ୍ତନ ପ୍ରଧାନ ଶିକ୍ଷକ କାଳନ୍ଦୀ ଚରଣ ସାହୁ, ଜଗବନ୍ଧୁ ଜେନା ଯୋଗ ଦେଇଥିଲେ। ଶିକ୍ଷକ ଗୁରୁପ୍ରସାଦ ମିଶ୍ର, ଖଗେଶ୍ୱର ବେହେରା ସହଯୋଗ କରିଥିଲେ। ପୂର୍ବ ଆୟୋଜିତ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

## ସେଲ୍ଫି କର୍ଣ୍ଣର



@ ଆଶୁତୋଷ



@ ମହମ୍ମଦ

ସେଲ୍ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ | dklselfie@gmail.com (ବଛା ବଛା ସେଲ୍ଫି ପ୍ରକାଶ ପାଇବ)

## ପାଣି ପଞ୍ଚାୟତ କ୍ରିୟାଶୀଳ କରାନ୍ତୁ ଚାଷୀ




ଶିବିରରେ ଉପସ୍ଥିତ ଅତିଥି ବୃନ୍ଦ।

ଆଠମଲ୍ଲିକ,୧୩।୨(ଡି.ଏନ.ଏ.)

ଆଠମଲ୍ଲିକ ବ୍ଲକ ପୁରୁଣାମାଣତ୍ରୀ ପଞ୍ଚାୟତ ମାଳିପଦର ଗ୍ରାମରେ ଉଠାଜଳସେଚନ ବିଭାଗ ତରଫରୁ ପାଣି ପଞ୍ଚାୟତ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ମାନଜୋର ଜଳସେଚନ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ଉଗ୍ରସେନ ନାଏକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ଉଠା ଜଳସେଚନ ବିଭାଗର ସହକାରୀ ଯନ୍ତ୍ରୀ ନରେନ୍ଦ୍ର କୁମାର ଜେନାମଣି ଯୋଗଦେଇଥିଲେ। ପାଣି ପଞ୍ଚାୟତରେ ଜନସାଧାରଣ ପାଉଥିବା ସୁବିଧା ଏବଂ ଏହାକୁ ଅଧିକ କ୍ରିୟାଶୀଳ କରିବା ପାଇଁ ଚାଷୀମାନେ ସଂଗଠିତ ହୋଇ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ୩ ମାସରେ ନିୟମିତ ଭାବେ ଅଧିବେଶନ କରିବା, ଯନ୍ତ୍ରପାତି ଅଚଳ ହେଲେ ତୁରନ୍ତ ପଦକ୍ଷେପ ନେବା ଆଦି ବିଷୟରେ ସଚେତନ କରାଇଥିଲେ। କ୍ଷୁଦ୍ର ଜଳସେଚନ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ଅରୁଣ କୁମାର ଜ୍ୟୋତିର୍ମୟ ପାଣିର ସୁବିନିଯୋଗ କରିବାକୁ ପରାମର୍ଶ ଦେଇଥିଲେ। କନିଷ୍ଠ ଯନ୍ତ୍ରୀ ଶରତ ଚନ୍ଦ୍ର ପ୍ରଧାନ, ପ୍ରକାଶ ଚନ୍ଦ୍ର ବରାଳ, ନରେନ୍ଦ୍ର ବାରିକ ପ୍ରମୁଖ ଯୋଗଦେଇ ଚାଷୀମାନଙ୍କୁ ସଚେତନ କରାଇଥିଲେ। ଚାଷୀ ସଂଗଠନ ତରଫରୁ ଭିକାରୀ ଚରଣ ପଣ୍ଡା ଏବଂ ସୁରେନ୍ଦ୍ର ବଡମାଳୀ ସହଯୋଗ କରିଥିଲେ।

## ଭାଜପା ପାଳିଲା ସମର୍ପଣ ଦିବସ

ତାଳଚେର, ୧୩।୨(ନି.ପ୍ର.)

ତାଳଚେର ଭାଜପା ପକ୍ଷରୁ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ବଳିଦାନ ଦିବସକୁ ସମର୍ପଣ ଦିବସ ଭାବେ ତାଳଚେର ବିଧାନସଭାର ସମସ୍ତ ବୁଥରେ ପାଳନ କରାଯାଇଛି। ଏହି ଅବସରରେ ସମସ୍ତ କାର୍ଯ୍ୟକର୍ତ୍ତା ପ୍ରଥମେ ସ୍ୱଦକ୍ଷିଣା ଦାନ କରିବା ପରେ ସ୍ଥାନୀୟ ଅଞ୍ଚଳରେ ଦାନ ଭିକ୍ଷା କରିଥିଲେ। ତାଳଚେର ପୌରମଣ୍ଡଳ ସଭାପତି ଯଶୋବନ୍ତ ଦାସ, ଜିଲା ସାଧାରଣ ସମ୍ପାଦକ ପ୍ରକାଶ ମହାରଣା, ଶକ୍ତିକେନ୍ଦ୍ର ପ୍ରମୁଖ ଜ୍ଞାନେନ୍ଦ୍ରୀୟ ସେଠୀ, କାଳନ୍ଦୀ ପ୍ରଧାନ, ଜିତେନ୍ଦ୍ର ଦାସ, ପର୍ଶୁରାମ ବାରିକଙ୍କ ସମେତ ତାଳଚେର ରେଳମଣ୍ଡଳର ସଭାପତି ବରୁଣ ସାହୁ, ବ୍ଲକ ଅଧକ୍ଷ ବୃନ୍ଦାବନ ବେହେରା, ରତନ ବାରିକ, ସୁରେଶ ଚନ୍ଦ୍ର ସାମଲ, ତାଳଚେର ସାରଶକ୍ତି ମଣ୍ଡଳର ସଭାପତି ହରମୋହନ ମିଶ୍ର, ବ୍ରାହ୍ମଣୀ ମଣ୍ଡଳ ସଭାପତି ଚୈତନ୍ୟ ପ୍ରଧାନ, ସୁଶାନ୍ତ ପ୍ରଧାନ, ହିଙ୍ଗୁଳା ମଣ୍ଡଳ ସଭାପତି ରାଜେନ୍ଦ୍ର ସିଂଙ୍କ ନେତୃତ୍ୱରେ ସମସ୍ତ ବୁଥସ୍ତରରେ ଏହ ଦିବସ ପାଳନ କରାଯାଇଥିଲା।

## ଟାଏକୋଣ୍ଡୋରେ ୭୪ ପ୍ରତିଯୋଗୀ

ତାଳଚେର,୧୩।୨(ନି.ପ୍ର.)




ଟାଏକୋଣ୍ଡୋ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ପ୍ରତିଯୋଗୀମାନେ।

ଏନ୍‌ଟିପିସି ତାଳଚେର କଣିହାଁ ପକ୍ଷରୁ ସ୍ଥାନୀୟ ରିକ୍ରିଏସନ ସେଣ୍ଟରଠାରେ ଏକ ଜିଲାସ୍ତରୀୟ ଟାଏକୋଣ୍ଡୋ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପ୍ରତିଯୋଗିତାରେ ମୋଟ ୭୪ ପ୍ରତିଯୋଗୀ ଭାଗ ନେଇଥିଲେ। ସେମାନଙ୍କ ମଧ୍ୟରୁ ୩୦ଜଣ ୟେଲୋ ବେଲ୍ଟ, ୨୫ଜଣ ଗ୍ରୀନ୍ ବେଲ୍ଟ, ୫ଜଣ ବ୍ଲୁ ବେଲ୍ଟ, ୧୦ଜଣ ରେଡ଼ ବେଲ୍ଟ ଏବଂ ୪ ଜଣ ବ୍ଲାକ୍ ବେଲ୍ଟ ପାଇଁ ଯୋଗ୍ୟ ବିବେଚିତ ହୋଇ ପୁରସ୍କୃତ ହୋଇଥିଲେ। ସମସ୍ତ ଅଂଶଗ୍ରହଣକାରୀଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ଏହି ଅବସରରେ ମେଣ୍ଟରସ ଅନୁଭବ ତ୍ରିପାଠୀ, ମାନସୀ ସାମଲ, ଶ୍ରୀଦେବୀ ପ୍ରଧାନ ପ୍ରମୁଖଙ୍କୁ ଟାଇକୋଣ୍ଡେରେ ଉଲ୍ଲେଖନୀୟ ଅବଦାନପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ପ୍ରକଳ୍ପର ସିନିୟର ମ୍ୟାନେଜର(ଏଚଆର)ଏ.କେ. ଦାସ, ମାଷ୍ଟର ମୁକେଶ, ଏନ୍‌ଟିପିସି କଣିହାଁର ଯୁଗ୍ମ ସମ୍ପାଦକ ଜିତେନ୍ଦ୍ର ପ୍ରଧାନ, ଜିଲା ଟାଏକୋଣ୍ଡୋ ଆସୋସିଏଶନର ସଦସ୍ୟ ଅନିଲ ରାହୁଲ, କୋଚ୍ ରାଜ ଭଟ୍ଟାଚାର୍ଯ୍ୟ ପ୍ରମୁଖ ଯୋଗ ଦେଇଥିଲେ।

## ଆଠମଲ୍ଲିକ ସାମ୍ବାଦିକ ସଂଘ ଗଠିତ

ଆଠମଲ୍ଲିକ,୧୨।୨(ଡି.ଏନ.ଏ.)

ଆଠମଲ୍ଲିକ ସହର ସ୍ଥିତ ମାହେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ମଙ୍ଗଳବାର ଉପଖଣ୍ଡସ୍ତରୀୟ ସାମ୍ବାଦିକ ସଂଘ ଗଠିତ ହୋଇଯାଇଛି। ବିଶ୍ୱମ୍ବର ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ସୁଶାନ୍ତ କୁମାର ମହାପାତ୍ର ସଭାପତି ଭାବେ ମନୋନୀତ ହୋଇଥିବାବେଳେ ବିନୟ କୁମାର ପଟ୍ଟନାୟକ ସାଧାରଣ ସମ୍ପାଦକ, ପରକ୍ଷିତ ସାହୁ ସାଙ୍ଗଠନିକ ସମ୍ପାଦକ, ରତିରଞ୍ଜନ ରାଉତ ସହସମ୍ପାଦକ, ଚିତ୍ତରଞ୍ଜନ ମିଶ୍ର, ଉଦୀପ୍ତ କୁମାର ପୁରୋହିତ, ମେହମୁଦ ଖାଁ, ଗୌରାଙ୍ଗ ଚରଣ ସାହୁଙ୍କୁ ଉପସଭାପତି ଭାବେ ଚୟନ କରାଯାଇଛି। ସେହିପରି ଉପଦେଷ୍ଟା ଭାବେ ଜୟଗୋପାଳ ଷଡଙ୍ଗୀ, ଆଶିଷ କୁମାର ସିଂ, ହର ପ୍ରସାଦ ମିଶ୍ର, ସଞ୍ଜୟ ଦାସ, ରମେଶ ନାଏକ, ବିଶ୍ୱମ୍ବର ବେହେରା ଏବଂ ଆଇନ ପରାମର୍ଶ ଦାତା ଭାବେ ପ୍ରଦୀପ ଘିବାଲାଙ୍କୁ ମନୋନୀତ କରାଯାଇଛି।

## ୨୦ରେ ମଧୁବୈଶ୍ୟ ସମାଜ ଜିଲାସ୍ତରୀୟ ସମାବେଶ




ଖବରଦାତା ସମ୍ମିଳନୀରେ ଉପସ୍ଥିତ କର୍ମକର୍ତ୍ତାମାନେ।

ଅନୁଗୋଳ ଅଫିସ, ୧୩।୨

ଆସନ୍ତା ୨୦ ତାରିଖରେ ଅନୁଗୋଳ ଟାମଡା ସମର୍ପଣ ମଣ୍ଡପରେ ନିଖିଳ ଉତ୍କଳ ମଧୁବୈଶ୍ୟ ସମାଜ ଅନୁଗୋଳ ଶାଖାର ଏକ ଜିଲାସ୍ତରୀୟ ସମାବେଶ ଅନୁଷ୍ଠିତ ହେବ। ଏଥିରେ ପ୍ରାୟ ଅଢ଼େଇ ହଜାର ଲୋକ ଯୋଗ ଦେବେ ବୋଲି ବୁଧବାର ଏକ ଖବରଦାତା ସମ୍ମିଳନୀରେ ଜିଲା ମଧୁବୈଶ୍ୟ ସମାଜର ଜିଲା ସଭାପତି ହରେକୃଷ୍ଣ ସାହୁ ସୂଚନା ଦେଇଛନ୍ତି। ମଧୁବୈଶ୍ୟ ସମାଜରେ ଥିବା ବିଭିନ୍ନ ସମସ୍ୟା ଓ ତାହାର ସମାଧାନ ଉପରେ ଉକ୍ତ ସମାବେଶରେ ଆଲୋଚନା କରାଯିବ। ଏହାବ୍ୟତୀତ ସଙ୍ଗଠନ ପକ୍ଷରୁ ସାମାଜିକ ଦାୟିତ୍ୱବୋଧ କାର୍ଯ୍ୟକ୍ରମ ସ୍ୱରୂପ ଅନୁଗୋଳର ବିଭିନ୍ନ ସ୍ଥାନରେ ବୃକ୍ଷରୋପଣ, ରକ୍ତଦାନ ଶିବିର, ଗରିବ ମେଧାବୀ ଛାତ୍ରୀଛାତ୍ରଙ୍କୁ ସହାୟତା, ସରକାରୀ ଯୋଜନାରୁ ବଞ୍ଚିତ ଅସହାୟଙ୍କୁ ସହଯୋଗ କରାଯିବ। ରୋଗୀ ଓ ନିରାଶ୍ରୟ ଲୋକଙ୍କୁ ସହାୟତା ହାତ ବଢ଼ାଯିବ। ଏପରି କି ପାରିବାରିକ ମତଭେଦର ସରଳ ସମାଧାନ ଉପରେ ମହାସଭାରେ ଆଲୋଚନା କରାଯିବ। ଏଥିସହ ସମାଜର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସମ୍ମାନିତ କରାଯିବ ବୋଲି ମଧ ଜିଲା ସଭାପତି ସୂଚନା ଦେଇଥିଲେ। ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ନରେନ୍ଦ୍ର କୁମାର ବେହେରା, ପ୍ରଫୁଲ୍ଲ ଚନ୍ଦ୍ର ସାହୁ, ସମ୍ପାଦକ ସୁଜିତ କୁମାର ସାହୁ, ଉପଦେଷ୍ଟା ରତ୍ନାକର ସାହୁ, ସିଦ୍ଧନାଥ ସାହୁ ପ୍ରମୁଖ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ।

## ରାଜ୍ୟ ସରକାରଙ୍କ ବିଫଳତା ବଖାଣିଲା ଭାଜପା

ଅନୁଗୋଳ ଅଫିସ, ୧୩।୨

ଭାଜପା ପକ୍ଷରୁ ରାଜ୍ୟ ସରକାରଙ୍କୁ ଜବାବ ମାଗୁଛି ଓଡ଼ିଶା କାର୍ଯ୍ୟକ୍ରମରେ ଏକ ଜନ ଲୋକ ଅଦାଲତ ବୁଧବାର ଅନୁଗୋଳ ସଭାଘର ଠାରେ ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଦଳୀୟ ନେତାମାନେ ବିଜେଡି ସରକାରଙ୍କ ବିରୋଧରେ ବର୍ଷିଥିଲେ। ୧୯ ବର୍ଷ ଭିତରେ ରାଜ୍ୟ ସରକାର ବେକାରି ସମସ୍ୟାର ସମାଧାନ କରିପାରି ନାହାନ୍ତି। ଶିକ୍ଷା କ୍ଷେତ୍ରରେ ରାଜ୍ୟ ପଛରେ ପଡ଼ିଥିବାବେଳେ ସ୍ୱାସ୍ଥ୍ୟସେବା ମଧ ଭୁଶୁଡ଼ି ପଡ଼ିଛି। ଅନୁଗୋଳ ଜିଲାରେ ଶିଳ୍ପାଞ୍ଚଳ ଥିଲେ ମଧ ସ୍ଥାନୀୟ ଯୁବକଙ୍କୁ ରୋଜଗାର ମିଳୁନାହିଁ। ସେହିପରି ଅଞ୍ଚଳବାସୀଙ୍କ ପାନୀୟ ଜଳ ସଙ୍କଟ ପ୍ରତି ସରକାର ଦୃଷ୍ଟି ଦେଉ ନ ଥିବା କାଠଗଡ଼ାକୁ ଯାଇଥିବା ଭାଜପା ନେତାମାନେ ଅଭିଯୋଗ କରିଥିଲେ। ଜଜ୍ ଭାବେ ହେମନ୍ତ କୁମାର ଧର, ଓକିଲ ଭାବେ ମିହିର ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବରିଷ୍ଠ ନେତା ରୁଦ୍ରନାରାୟଣ ପାଣି, ଭାଜପା ନେତା ପ୍ରତାପ ପ୍ରଧାନ, କାଳନ୍ଦୀ ସାମଲ, ଅଶୋକ ମହାନ୍ତି, କୃଷ୍ଣ ପାତ୍ର, ଲକ୍ଷ୍ମୀଧର ବେହେରା, ମୀନକେତନ ଅମାତ ପ୍ରମୁଖ କାଠଗଡ଼ାକୁ ଯାଇ ସରକାରଙ୍କୁ ସମାଲୋଚନା କରିଥିଲେ।

## ନିୟମିତ ମକ୍‌ଡ୍ରିଲ୍ ଉପରେ ଗୁରୁତ୍ୱ

ଅନୁଗୋଳ ଅଫିସ, ୧୩।୨




ଆପତକାଳୀନ ବୈଠକରେ ପ୍ରଶାସନ ଓ ଶିଳ୍ପସଂସ୍ଥାଗୁଡ଼ିକର ଅଧିକାରୀ।

ଅନୁଗୋଳ ଜିଲାରେ ଥିବା ଶିଳ୍ପାନୁଷ୍ଠାନ ଓ କଳକାରଖାନା ଗୁଡ଼ିକରେ ଘଟୁଥିବା ରାସାୟନିକ ଦୁର୍ଘଟଣାର ନିରାକରଣ ପାଇଁ ଏକ ଆପତକାଳୀନ ବୈଠକ ବିଭିନ୍ନ ଶିଳ୍ପ ସଂସ୍ଥାର କର୍ମକର୍ତ୍ତାଙ୍କୁ ନେଇ ବୁଧବାର ଜିଲା କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀ ଏଥିରେ ଅଧକ୍ଷତା କରିଥିବାବେଳେ ବିଭିନ୍ନ କାରଖାନାର କର୍ତ୍ତୃପକ୍ଷ ଉପସ୍ଥିତ ଥିଲେ। କାର୍ଯ୍ୟରତ ଶ୍ରମିକମାନଙ୍କ ସୁରକ୍ଷା ସହ ଜରୁରିକାଳୀନ ପରିସ୍ଥିତିର ଉଚିତ ମୁକାବିଲା ନିମନ୍ତେ ନିୟମିତ ମକ୍ ଡ୍ରିଲ କରିବାକୁ କୁହାଯାଇଥିଲା। ସେହିପରି ଯାଞ୍ଚ ପ୍ରକ୍ରିୟା କଡ଼ାକଡ଼ି କରିବାକୁ ମଧ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ପରାମର୍ଶ ଦିଆଯାଇଥିଲା। ବୈଠକରେ ଉପସ୍ଥିତ ଶିଳ୍ପ ସଂସ୍ଥାର କର୍ମକର୍ତ୍ତାମାନେ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ସଂସ୍ଥାଗୁଡ଼ିକ ପକ୍ଷରୁ କରାଯାଉଥିବା ପ୍ରସ୍ତୁତି ସମ୍ପର୍କରେ ପ୍ରଶାସନକୁ ଅବଗତ କରିଥିଲେ। ଅଗ୍ନି ତଥା ବିଷାକ୍ତ ପଦାର୍ଥ ନିର୍ଗତ ହେବା ଓ ବିପଦପୂର୍ଣ୍ଣ ପଦାର୍ଥ ପରିବହନ ସମୟରେ ସମ୍ଭାବ୍ୟ ଦୁର୍ଘଟଣା ଜନିତ ପରିସ୍ଥିତିର ମୁକାବିଲା କରିବା ପାଇଁ ପ୍ରସ୍ତୁତ ଓ ସଜାଗ ରହିବାକୁ ଅତିରିକ୍ତ ଜିଲାପାଳ ପରାମର୍ଶ ଦେଇଥିଲେ। କାରଖାନା ଓ ବାଷ୍ପିତ୍ର ସହକାରୀ ନିର୍ଦ୍ଦେଶକ ଉମାକାନ୍ତ ସାମନ୍ତରାୟ ରାସାୟନିକ ଦୁର୍ଘଟଣା ନିୟମ ୧୯୯୬ ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନର ଜିଲା ପ୍ରକଳ୍ପ ଅଧିକାରୀ ପ୍ରଦୋଷ କୁମାର ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନାଲ୍‌କୋ, ଭୂଷଣ, ଜେଏସ୍‌ପିଏଲ୍, ଅମ୍ରିକେଶ ଇଣ୍ଡଷ୍ଟ୍ରିଜ୍ ସହ ବିଭିନ୍ନ ଶିଳ୍ପ ସଂସ୍ଥାର ପ୍ରତିନିଧି ଯୋଗ ଦେଇଥିଲେ।

## 'ପ୍ରୀତିର ପ୍ରୟାସ' ସଂସ୍କରଣ ଉତ୍ସବ ପ୍ରସ୍ତୁତି

ହିନ୍ଦୋଳ,୧୩।୨(ଡି.ଏନ.ଏ.)

ହିନ୍ଦୋଳ ବ୍ଲକ ସଦର ମହକୁମାରୁ ପ୍ରକାଶ ପାଉଥିବା ଅର୍ଦ୍ଧ ବାର୍ଷିକ ଆଧାତ୍ମିକ ପତ୍ରିକା 'ପ୍ରୀତିର ପ୍ରୟାସ'ର ଚତୁର୍ବିଂଶତମ ସଂସ୍କରଣ ଉନ୍ମୋଚନ ଉତ୍ସବ ଅନୁଷ୍ଠିତ ହେବା ନେଇ ବୁଧବାର ଏକ ପ୍ରସ୍ତୁତି ବୈଠକ ବସିଥିଲା। ସ୍ଥାନୀୟ ଶ୍ରୀ ରଘୁନାଥ ଜୀଉ ମଠ ପରିସରରେ ଅନୁଷ୍ଠିତ ଏହି ବୈଠକରେ ପତ୍ରିକା ପ୍ରତିନିଧି ସମ୍ପାଦକ ଅଭୟ କୁମାର ଆଚାର୍ଯ୍ୟ ଅଧକ୍ଷତା କରିଥିଲେ। ଆସନ୍ତା ୧୭ ରେ ଉକ୍ତ ମଠ ପରିସରରେ ଉତ୍ସବ ଅନୁଷ୍ଠିତ ହେବାକୁ ସ୍ଥିର ହୋଇଥିଲା। ଶେଷରେ ରବିନାରାୟଣ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ। ବୈଠକରେ ମିନତି ସାମଲ, ଗୌତମ ବେହେରା, ମଦନ ପ୍ରଧାନ, ପ୍ରଫୁଲ୍ଲ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

